## ସଂକ୍ଷେପରେ

### ସିଡିଏମ୍‌ପିଏଚ୍‌ଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍

**ବ୍ରହ୍ମପୁର ଅଫିସ,୧୪।୩:** କରୋନା ମୁକାବିଲା ପାଇଁ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମପିଏଚଓ)ଙ୍କ କାର୍ଯ୍ୟାଳୟରେ ଏଥିପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ଡା. ସନ୍ତୋଷ କୁମାର ପାଢୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଜିଲାକୁ ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇଥିବା ସିଡିଏମପିଏଚଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ସିଡିଏମପିଏଚଓ ଡା. ଜଗଦୀଶ ପଟ୍ଟନାୟକଙ୍କ ସୂଚନା ପ୍ରକାରେ, ବର୍ତ୍ତମାନ ସୁଦ୍ଧା ଚାଇନା ଓ ଅନ୍ୟାନ୍ୟ ଦେଶରୁ ୧୮ ଜଣ ଗଞ୍ଜାମ ଜିଲାକୁ ଆସିଥିବା ରାଜ୍ୟ ସର୍ଭିଲାନ୍ସ ୟୁନିଟ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ୨୮ ଦିନିଆ ହୋମ ଆଇସୋଲେଶନରେ ରଖାଯାଇଛି। ଜିଲାକୁ ଆସିଥିବା ୧୮ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଠିକଣା ଜଣାପଡ଼ି ନ ଥିବା ବେଳେ ୯ ଜଣଙ୍କୁ ଟ୍ରାକ କରାଯାଇଥିବା ଏବଂ ସେମାନେ ବର୍ତ୍ତମାନ ସୁଦ୍ଧା ସୁସ୍ଥ ଥିବା ସିଡିଏମପିଏଚଓ କହିଛନ୍ତି। ବାହାରୁ ଗାଁକୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିବା ସହ କରୋନା ସମ୍ପର୍କିତ ଲକ୍ଷଣ ଦୃଷ୍ଟିଗୋଚର ହେବା ମାତ୍ରେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା କରାଇବା ନିମନ୍ତେ ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତିକୁ ସଚେତନ କରାଯାଇଛି।

### ଶାଳକ, ପିଉସୀ ଶାଶୁ ଗିରଫ: ଖଣ୍ଡା ଜବତ

**ଶ୍ୱଶୁର ଘରେ ଯୁବକଙ୍କୁ ଆକ୍ରମଣ**

ବ୍ରହ୍ମପୁର ଅଫିସ,୧୪।୩

ଜଗଦଳପୁରରେ ନିଜ ଶ୍ୱଶୁର ଘର ଦାଣ୍ଡରେ ଶୁକ୍ରବାର ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀର ବୀଣା ସେଠୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ସଦର ଥାନା ପୋଲିସ ଶନିବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୀଣାଙ୍କ ଶାଳକ ସନ୍ତୋଷ ସେଠୀ, ପିଉସୀ ଶାଶୁ କୁମାରୀ ସେଠୀ। ମାମଲା ନଂ. ୮୦/୨୦ ଅନୁସାରେ ଉଭୟଙ୍କୁ ଗିରଫ କରାଯାଇଛି। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସଦର ଏସଡ଼ିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ଖଣ୍ଡା ଜବତ ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ବୀଣାଙ୍କ ଜମାନବନ୍ଦୀ ରେକର୍ଡ କରିଥିବା ଏସଡ଼ିପିଓ ମହାପାତ୍ର ସୂଚନା ଦେଇଛନ୍ତି।

କରାପଲ୍ଲୀର ବୀଣା ଜଗଦଳପୁର ଗ୍ରାମର ସନ୍ତୋଷଙ୍କ ଭଉଣୀଙ୍କୁ କିଛି ବର୍ଷ ତଳେ ବିବାହ କରିଥିଲେ। କୌଣସି କଥାକୁ ନେଇ ଅଶାନ୍ତିରୁ ବୀଣାଙ୍କ ସ୍ତ୍ରୀ କିଛିଦିନ ତଳେ ବାପଘରକୁ ଚାଲି ଯାଇଥିଲେ। ଶୁକ୍ରବାର ରାତିରେ ସ୍ତ୍ରୀଙ୍କୁ ଡାକିବା ପାଇଁ ବୀଣା ଜଗଦଳପୁର ଆସିଥିବା ବେଳେ ଶାଳକ ସନ୍ତୋଷଙ୍କ ସହ ତାଙ୍କର ଝଗଡା ହୋଇଥିଲା। ପରେ ରାତି ପ୍ରାୟ ସାଢ଼େ ୧୧ଟାରେ ସନ୍ତୋଷ ଓ ତାଙ୍କ ସହଯୋଗୀମାନେ ବୀଣାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଗାଁରେ ପହଞ୍ଚି ଦାଣ୍ଡରେ ଅଚେତ ଅବସ୍ଥାରେ ପଡ଼ିଥିବା ବୀଣାଙ୍କୁ ଉଦ୍ଧାର କରି ବଡ଼ ମେଡିକାଲକୁ ନେଇଥିଲା।

### ଜେଲଗଲେ ଫେରାର୍ ଅଭିଯୁକ୍ତ ପାଣ୍ଡା

**ବ୍ରହ୍ମପୁର ଅଫିସ,୧୪।୩:** ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର ଦୁର୍ଦ୍ଧାନ୍ତ ପାଣ୍ଡା ଗୌଡ଼ ଓରଫ ପିଣ୍ଟୁ (୨୬) ଦୀର୍ଘବର୍ଷ ଧରି ପୋଲିସକୁ ଚକ୍‌ମା ଦେଇ ଫେରାର ରହିଥିବା ବେଳେ ଶୁକ୍ରବାର ରାତିରେ ବେଦାଳିଆ ରାସ୍ତାରେ ପୋଲିସ ତାଙ୍କୁ କାବୁ କରିଛି। ପାଣ୍ଡାଙ୍କ ନାଁରେ ବିଭିନ୍ନ ଥାନାରେ ୧୩ରୁ ଊର୍ଦ୍ଧ୍ୱ ସଂଗୀନ ମାମଲା ରହିଥିଲା। ସେଥିମଧ୍ୟରୁ ସଦର ଥାନାରେ ୯ଟି ମାମଲା ରହିଥିବା ସଦର ଏସଡିପିଓ ଜୟନ୍ତ ମହାପାତ୍ର ଶନିବାର ସୂଚନା ଦେଇଛନ୍ତି।



ବୋମାମାଡ଼, ଡ଼କାୟତି, ଲୁଟ, ରାହାଜାନି ଆଦିରେ ସେ ସମ୍ପୃକ୍ତ ଥିଲେ। ଏନବିଡବ୍ଲୁବଳରେ ପାଣ୍ଡାଙ୍କୁ ଗିରଫ କରାଯାଇ ଏସଟି ସେସନ୍ ୫୯/୧୯, ଜିଆର ୬୪୮/୧୯ ଓ ଜିଆର ୭୫୫/୧୯ରେ ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ପାଣ୍ଡାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଦୁଃଖଦ ଅନୁଭୂତି ବଖାଣିଲେ ଶିବାଶିଷ

**ବ୍ରହ୍ମପୁର ଅଫିସ,୧୪।୩**

- କରୋନା ପାଇଁ ଜଳଜାହାଜରେ ୨୩ ଦିନ ଫସିଥିଲେ
- ୪୮ ଦିନ ସଂଘର୍ଷ ପରେ ଘରକୁ ଫେରିଲେ

କରୋନା ଭୂତାଣୁକୁ ନେଇ ଦୀର୍ଘ ୪୮ ଦିନ ଧରି ପ୍ରତିଟି ମୁହୂର୍ତ୍ତର ଭୟ ଓ ଆତଙ୍କରୁ ମୁକୁଳି ଶେଷରେ ଘରକୁ ଫେରିଛନ୍ତି ବ୍ରହ୍ମପୁରର ଯୁବ ଇଞ୍ଜିନିୟର ଶିବାଶିଷ ନାୟକ। କରୋନା ପାଇଁ ଜାପାନ ଜଳ ଜାହାଜା ଡାଇମଣ୍ଡ ପ୍ରିନ୍ସେସରେ ୨୩ ଦିନ ଫସି ରହିବା ଓ ପରେ ସେଠାରୁ ଗତ ୨୭ ତାରିଖରେ ଭାରତ ଫେରି ହରିଆନାସ୍ଥିତ ମିଲିଟାରୀ ଶିବିରରେ ୧୫ ଦିନ ରହି ଶୁକ୍ରବାର ରାତିରେ ଶିବାଶିଷ ବ୍ରହ୍ମପୁରସ୍ଥିତ ନିଜ ଘରକୁ ଫେରିଛନ୍ତି। ଏହି ୪୮ ଦିନର ସଂଘର୍ଷକୁ ଜୀବନର ଏକ ବ୍ୟାଡ ଏକ୍ସପ୍ରିଏନ୍ସ ବୋଲି ସେ ଅଭିହିତ କରିଛନ୍ତି। ଜଳ ଜାହାଜରେ ଭୟାନକ ସଙ୍କଟରୁ ମୁକୁଳିବା ଓ କରୋନା ଭୂତାଣୁ କବଳରୁ ନିଜକୁ ବଞ୍ଚାଇ ରଖିବା ପାଇଁ ମାସାଧିକ କାଳ ସେ କରିଥିବା ସଂଘର୍ଷ ଓ ଅନୁଭୂତି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଭଗବାନଙ୍କ କୃପା, ବାପ ଓ ମା'ଙ୍କ ଆଶୀର୍ବାଦ ଓ ଖବରଦାତାଙ୍କ ଲଗାତାର ସହଯୋଗ ଯୋଗୁ ପୁନର୍ଜନ୍ମ ପାଇଛି ବୋଲି ଶିବାଶିଷ କହିଛନ୍ତି।

ଗୁଡଗାଓଁର ଏକ କମ୍ପାନୀରେ କାର୍ଯ୍ୟରତ ଶିବାଶିଷ ଗତ ଜାନୁୟାରୀ ୧୦ ତାରିଖରେ ନିଜର ୫ ସହଯୋଗୀଙ୍କ ସହ ଦିଲ୍ଲୀରୁ ମାଲେସିଆ ଏକ ବିମାନ ଯୋଗେ ଯାଇଥିଲେ । ମାଲେସିଆରୁ ସେମାନେ କମ୍ପାନୀ କାର୍ଯ୍ୟରେ ଭିଏତନାମ ଯାଇଥିଲେ। ଏହାପରେ ସେଠାରୁ ଡାଇମଣ୍ଡ ପ୍ରିନ୍ସେସ୍ ଜଳ ଜାହାଜରେ ଏକ ପ୍ରଜେକ୍ଟ କାର୍ଯ୍ୟ ପାଇଁ ବାହାରିଥିଲେ। ଜାହାଜଟି ଫେବୃୟାରୀ ୨ରେ ଜାପାନର ୟୋକୋହାମା ପୋର୍ଟରେ ଲାଗିଥିଲା । ସେତବେଳେକୁ ଚାଇନାରେ କରୋନା ଅନେକ ଜୀବନ ନେଇ ସାରିଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବାରୁ ଜାହାଜ ମଧ୍ୟରେ ଥିବା ୩,୬୦୦ ଯାତ୍ରୀଙ୍କ ପରୀକ୍ଷା କରାଯାଇଥିଲା । ପ୍ରାୟ ୫୦୦ ଜଣଙ୍କଠାରେ କରୋନା ପଜିଟିଭ୍ ଥିବା ଜଣାପଡିଥିଲା। ତେବେ ଶିବାଶିଷ ଓ ତାଙ୍କ ୫ ସହଯୋଗୀଙ୍କ ରିପୋର୍ଟ ନେଗେଟିଭ ବାହାରିଥିଲା । ଜାହାଜରେ କରୋନା ଆକ୍ରାନ୍ତଙ୍କୁ ତୁରନ୍ତ ବାହାର କରାଯାଇଥିଲା ଏବଂ ଶିବାଶିଷଙ୍କ ସମେତ ଅନ୍ୟ ସମସ୍ତ ନେଗେଟିଭ ରିପୋର୍ଟ ଆସିଥିବା ଯାତ୍ରୀଙ୍କୁ ଜାହାଜର ଷଷ୍ଠ ମହଲାରେ ସମସ୍ତ ପ୍ରକାର ସତର୍କତାରେ ରଖାଯାଇଥିଲା। ଦୀର୍ଘ ୨୩ ଦିନ ଧରି ଜଳଜାହାଜ ମଧ୍ୟରେ ୫ ସହଯୋଗୀଙ୍କ ସମେତ ୧୨୪ ଭାରତୀୟଙ୍କୁ ବନ୍ଦୀ ଭଳି ଜୀବନ ବିତାଇବାକୁ ପଡିଥିଲା ବୋଲି ଶିବାଶିଷ କହିଛନ୍ତି । ସେଠାରେ ସେ କେବଳ ଫଳ ଖାଇ ରହୁଥିଲେ । କମ୍ପାନୀ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଥିଲା। ଜଳଜାହାଜରେ ରହଣୀ



ନିଜସ୍ୱ ଘରେ ଇଞ୍ଜିନିୟର ଶିବାଶିଷ ନାୟକ।

ବେଳେ ଦିନକୁ ମାତ୍ର ୨୦ ମିନଟ୍ ପାଇଁ ବହାରକୁ ଛଡାଯାଉଥିଲା। ସେତିକି ସମୟ ମଧ୍ୟରେ ଆଖିଆଗରେ କରୋନାରେ ଆକ୍ରାନ୍ତ ମୃତ୍ୟୁ ଘଟୁଥିବା ଦୃଶ୍ୟ ଅତି ଭୟାନକ ଥିଲା । ଏକାଧିକ ଲୋକଙ୍କ ସହ କଥାବାର୍ତ୍ତା କରିବାକୁ ବାରଣ କରାଯାଇଥିବା ଜୀବନ ଏକ ପ୍ରକାର ଦୁର୍ବିସହ ହୋଇପଡିଥିଲା। ନିଜ ଦେଶକୁ କିପରି ଫେରିବେ ସେହି ଚିନ୍ତାରେ ନିଦ ଆସୁ ନ ଥିଲା ବୋଲି ଶିବାଶିଷ କହିଛନ୍ତି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ନିଜ ଅସୁବିଧା ଜଣାଇବା ପରେ କେନ୍ଦ୍ର ସରକାରଙ୍କ ସହଯୋଗରେ ଫେବୃୟାରୀ ୨୭ରେ ସେମାନଙ୍କୁ ଜଳଜାହାଜରୁ ଭାରତୀୟମାନଙ୍କୁ ଉଦ୍ଧାର କରାଯାଇ ଜାପାନର ହୋନେଡା ଏୟାରପୋର୍ଟରୁ ଦିଲ୍ଲୀ ଆଣାଯାଇଥିଲା । ଦିଲ୍ଲୀରୁ ସମସ୍ତଙ୍କୁ ସ୍ୱତନ୍ତ୍ର ବସରେ ହରିଆନାର ଆର୍ମି ବେସ କ୍ୟାମ୍ପକୁ ନିଆଯାଇଥିବା ଶିବାଶିଷ କହିଛନ୍ତି । ଏହି କ୍ୟାମ୍ପରେ ଶିବାଶିଷଙ୍କ ସମେତ ୧୨୪ ଭାରତୀୟଙ୍କୁ ୧୪ ଦିନ ଧରି ରଖାଯାଇ କରୋନା ଭୂତାଣୁ ସମ୍ପର୍କିତ ପରୀକ୍ଷା କରାଯାଇଥିଲା । କ୍ୟାମ୍ପରେ ରହଣି ବେଳେ ଶିବାଶିଷଙ୍କ କୋଭିଡ-୧୯ ଭାଇରସ୍ ଟେଷ୍ଟ ୨ ଥର କରାଯାଇଥିବା ସେ କହିଛନ୍ତି । ଭାଇରସ୍ ନ ଥିବା ସ୍ପଷ୍ଟ ହେବା ପରେ ସେମାନଙ୍କୁ ଶୁକ୍ରବାର ଆର୍ମି କ୍ୟାମ୍ପରୁ ଛଡାଯାଇଥିବା ବେଳେ ଆଉ ୧୪ ଦିନ ଆଇସୋଲେଟେଡ ରହିବାକୁ କୁହାଯାଇଛି । ମାସ୍କ ପିନ୍ଧିବା, ହାତ ଧୋଇବାକୁ, ଗହଳିପୂର୍ଣ୍ଣ ଜାଗାକୁ ନ ଯିବାକୁ ପରାମର୍ଶ ଦିଆଯାଇଥିବା ଇଞ୍ଜିନିୟର ଶିବାଶିଷ କହିଛନ୍ତି। ଏଥିପାଇଁ ସେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।ଅନ୍ୟପକ୍ଷରେ ପୁଅ ସୁରକ୍ଷିତ ଭାବେ ଘରକୁ ଫେରିଥିବାରୁ ବାପା ଲିଙ୍ଗରାଜ ନାୟକ ଓ ମା ଝୁନୁ ନାୟକ ବେଶ ଆନନ୍ଦିତ ବୋଲି କହିଛନ୍ତି।

## କରୋନାକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ

ବ୍ରହ୍ମପୁର ଅଫିସ,୧୪।୩- ଭାରତରେ କରୋନା ଭୂତାଣୁ (କୋଭିଡ୍-୧୯) ଆକ୍ରାନ୍ତଙ୍କ ସଂଖ୍ୟା ୮୪ ଛୁଇଁଲାଣି । ଏହି ପ୍ରାଣଘାତି ଭୂତାଣୁ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ବାହାରି ପାରିନାହିଁ । କେବଳ କେତେକ ସତର୍କତା ଅବଲମ୍ବନ କଲେ ଏଥିରୁ ରକ୍ଷା ମିଳିପାରିବ। ରାଜ୍ୟ ସରକାର ଏହି ମହାମାରୀକୁ ରାଜ୍ୟ ବିପତ୍ତି ଘୋଷଣା କରିଛନ୍ତି। କରୋନା ଭୟାବହତାକୁ ଦେଖି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ଆସନ୍ତା ୩୧ ତାରିଖ ଯାଏ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି । ପରୀକ୍ଷାକୁ ଏଥିରୁ ବାଦ୍ ଦିଆଯାଇଛି । ସିନେମା ହଲ୍, ସୁଇମିଙ୍ଗ୍ ପୁଲ, ଜିମ ବନ୍ଦ ନିର୍ଦ୍ଦେଶ ଦିଆଯାଇଥିବା ବେଳେ କୌଣସି ପ୍ରକାର ବଡ଼ ଧରଣର ସଭାସମିତି କରିବାକୁ ବାରଣ କରାଯାଇଛି। ଗଞ୍ଜାମ ଜିଲାରେ କରୋନା ଭୂତାଣୁକୁ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି । କରୋନା ସଂକ୍ରମଣକୁ ରୋକିବା ଲାଗି ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏହାକୁ ନେଇ ବ୍ରହ୍ମପୁରବାସୀଙ୍କ ପ୍ରତିକ୍ରିୟାକୁ ନେଇ ଏକ ଉପସ୍ଥାପନା।



ଜନସାଧାରଣ କରୋନାକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ । ଯଦି କାଶ, ଥଣ୍ଡା ଲାଗି ରହୁଛି ତାହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଜନଗହଳିପୂର୍ଣ୍ଣ ସ୍ଥାନରୁ ଦୂରେଇ ରହନ୍ତୁ , ମାସ୍କ ବ୍ୟବହାର କରନ୍ତୁ ।

**-ଡା. ଗଣେଶ୍ୱର ସେଠୀ, ଭେଷଜ ବିଭାଗ, ଏମ୍‌କେସିଜି ମେଡିକାଲ**



ସରକାର କରୋନା ପାଇଁ ଯେଉଁସବୁ ପଦକ୍ଷେପ ନେଉଛନ୍ତି ତାହା ସ୍ୱାଗତଯୋଗ୍ୟ। ବିଭିନ୍ନ ପ୍ରଚାରପ୍ରସାର ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି । ସରକାର ଜାରି କରିଥିବା ସମସ୍ତ ନିୟମାବଳୀକୁ ମାନିବା ଉଚିତ୍।

**- କାବୁନା ପଣ୍ଡା, ବ୍ୟବସାୟୀ**



ଆମେ ନିଜେ ସଚେତନ ହେଲେ କରୋନା ଭୂତାଣୁଠାରୁ ଦୂରେଇ ପାରିବା । କରୋନା ଭୂତାଣୁର ବ୍ୟାପିବାର ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିଛନ୍ତି । ଯେତେପାରିବା ଜନଗହଳି ପୂର୍ଣ୍ଣ ଜାଗାରୁ ଦୂରେଇ ରହିବା ।

**- ଦେବୀ ପ୍ରସାଦ ପଟ୍ଟନାୟକ, ବ୍ରହ୍ମପୁର ବାସିନ୍ଦା**



ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ଆଗୁଆ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଥମତଃ ଆମ ରାଜ୍ୟରେ ଏ ପର୍ଯ୍ୟନ୍ତ କେହି କରୋନା ଭୂତାଣୁ ସଂକ୍ରମିତ ହୋଇଥିବା ସୂଚନା ମିଳିନାହିଁ । ତେଣୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ।

**-ଉମା ଶଙ୍କର, ଛାତ୍ର**

## ଷ୍ଟ୍ରେଚର କାର୍ଯ୍ୟ କରିବ ବ୍ୟାଟେରିଚାଳିତ ଗାଡ଼ି

**ବ୍ରହ୍ମପୁର ଅଫିସ,୧୪।୩**

ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ଏଣିକି ବ୍ୟାଟେରିଚାଳିତ ଗାଡିରେ ୱାର୍ଡକୁ ଯିବେ ଗୁରୁତର ରୋଗୀ। କାଜୁଆଲିଟିରୁ ବିଭିନ୍ନ ୱାର୍ଡକୁ ଗୁରୁତର ରୋଗୀଙ୍କୁ ନେବା ଆଣିବା କରିବାରେ ଏହି ବ୍ୟାଟେରିଚାଳିତ ଗାଡି ଷ୍ଟ୍ରେଚରର କାର୍ଯ୍ୟ କରିବ । ଏମକେସିଜି ପକ୍ଷରୁ ପିପିପି ମୋଡରେ ପରିଚାଳିତ ହେବାକୁ ଥିବା ଏହି ବ୍ୟାଟେରିଚାଳିତ ଗାଡି ଶନିବାର ଶୁଭାରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ବ୍ୟାଟେରୀ ଚାଳିତ ଗାଡି କାଜୁଆଲିଟିରୁ ଗୁରୁତର ରୋଗୀଙ୍କୁ ବିଭିନ୍ନ ୱାର୍ଡକୁ ନେବା ଆଣିବା କାର୍ଯ୍ୟ ଆରମ୍ଭ କରିଛି । ଏମକେସିଜି ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷା ପ୍ରଫେସର ଡା. ଦିପ୍ତିମୟୀ ତ୍ରିପାଠୀ କାଜୁଆଲଟି ପରିସରରୁ ଏହି ବ୍ୟାଟେରିଚାଳିତ ଗାଡିର ଶୁଭାରମ୍ଭ କରିଛନ୍ତି। ପୂର୍ବରୁ ଷ୍ଟ୍ରେଚର ଦ୍ୱାରା ଗୁରୁତର ରୋଗୀଙ୍କୁ କାଜୁଆଲଟିରୁ ବିଭିନ୍ନ ୱାର୍ଡକୁ ତଥା ପରୀକ୍ଷା ନିରୀକ୍ଷା ପାଇଁ ମେଡିକାଲ ପରିସରରେ ଥିବା ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ନିଆଯାଉଥିଲା। ଗୁରୁତର ଅବସ୍ଥାରେ ରୋଗୀଙ୍କୁ ସ୍ଥାନାନ୍ତର ବେଳେ ରୋଗୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ତେବେ ଏହି ବ୍ୟାଟେରି ଚାଳିତ ଗାଡି ଦ୍ୱାରା ବର୍ତ୍ତମାନ ରୋଗୀ ବହୁତ ଉପକୃତ ହେବେ ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି । କାର୍ଯ୍ୟକ୍ରମରେ ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଏମକେସିଜି ଡିନ୍ ପତାକା ଦେଖାଇ ବ୍ୟାଟେରୀ ଗାଡ଼ି ଶୁଭାରମ୍ଭ କରୁଛନ୍ତି।

## ସାମୂହିକ ବ୍ରତୋପନୟନ ସ୍ଥଗିତ

**ବ୍ରହ୍ମପୁର ଅଫିସ,୧୪।୩**

ନିଖିଳ ଉତ୍କଳ କାଳିଙ୍ଗୀ କୃଷକ ମହାସଂଘ ପକ୍ଷରୁ ବ୍ରହ୍ମପୁର ମହାନଗର ଉପକଣ୍ଠ ଲୋଚାପଡ଼ା ନିକଟ ଜି.ଜଗନ୍ନାଥପୁରରେ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଏବେ ଚାଲିଥିବା ମହାମାରୀ କରୋନା ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଏଭଳି ନିଷ୍ପତ୍ତି ନିଆଯାଇଥିବା ମହାସଂଘ କର୍ମକର୍ତ୍ତା ଜି.ସୀମାଞ୍ଚଳ ଶନିବାର ବ୍ରହ୍ମପୁରଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କାଳିଙ୍ଗୀ କୂଳର ୧୫୦ ପିଲାଙ୍କ ବ୍ରତୋପନୟନ କରାଯିବା ନିମନ୍ତେ ଜୋରଦାର ପ୍ରସ୍ତୁତି ଚାଲିଥିଲା। ତେବେ କରୋନାକୁ ନେଇ ରାଜ୍ୟ ସରକାର କେତେକ କଟକଣା ଜାରି କରିଛନ୍ତି। ସାମାଜିକ କାର୍ଯ୍ୟକ୍ରମରେ ଗହଳି ନ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ମହାସଂଘ ପକ୍ଷରୁ କୁହାଯାଇଛି ।

## ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**ବ୍ରହ୍ମପୁର ଅଫିସ,୧୪।୩**

**ଗଞ୍ଜାମ ଓକିଲ ସଂଘ ନିର୍ବାଚନ**

ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ଶନିବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସଂଘର ବିଭିନ୍ନ ପଦ ପାଇଁ ମୋଟ ୧୩ ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି। ଆସନ୍ତା ୨୮ରେ ଭୋଟ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପରେ ଶୁକ୍ରବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ସମସ୍ତ ୧୩ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଥିଲା। କେହି ଜଣେ ହେଲେ ବି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିବା ଜଣାପଡିଛି। ସଭାପତି ପଦ ପାଇଁ ଜନାର୍ଦ୍ଦନ ସୁବୁଦ୍ଧି ଓ କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ପାଇଁ ରଘୁନାଥ ପ୍ରସାଦ ପାଣିଗ୍ରାହୀ, ରାମକୃଷ୍ଣ ମହାରଣା ଓ ସୁଶୀଲ କୁମାର ତ୍ରିପାଠୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଉପସଭାପତି ଭାବେ ବି. ଭାଗିରଥୀ ରାଓ, ବସନ୍ତ କୁମାର ରାଉତ, ଦିଲ୍ଲୀପ କୁମାର ପାତ୍ର, ହରିକୃଷ୍ଣ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଣ୍ଡା ଓ ଶରତ କୁମାର ପାଢ଼ୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଯୁଗ୍ମ ସମ୍ପାଦକ ପଦ ନିମନ୍ତେ ହେମନ୍ତ କୁମାର ପଣ୍ଡା ଓ ସୁଧୀର କୁମାର ପାତ୍ର ପ୍ରାର୍ଥୀ ହୋଇଛନ୍ତି। ଚଳିତ ବର୍ଷ ଭୋଟ ଦେବା ପାଇଁ ୧୩୩୩ ଭୋଟର ରହିଛନ୍ତି।

## ଯୁକ୍ତଦୁଇ ପରୀକ୍ଷା: ପଦାର୍ଥ ବିଜ୍ଞାନରେ ୨୩ ମାଲ୍‌ପ୍ରାକ୍ଟିସ

**ବ୍ରହ୍ମପୁର ଅଫିସ,୧୪।୩**

ଯୁକ୍ତ ୨ ପରୀକ୍ଷା ଶନିବାର ସପ୍ତମ ଦିନରେ ପହଞ୍ଚିଛି। ଶନିବାର ପଦାର୍ଥବିଜ୍ଞାନ ପରୀକ୍ଷାରେ ଦକ୍ଷିଣାଞ୍ଚଳ ଅଧୀନ ୮ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ କପି କରି ୨୩ ପରୀକ୍ଷାର୍ଥୀ ସ୍କ୍ୱାର୍ଡ ହାତରେ ଧରାପଡ଼ିଛନ୍ତି। ସେଥିମଧ୍ୟରେ କୋରାପୁଟ ଜିଲାରେ ସର୍ବାଧିକ ୧୬ ଜଣ ଥିବା ବେଳେ ଗଞ୍ଜାମ ଜିଲାରେ ୩, ନବରଙ୍ଗପୁର ଜିଲାରେ ୨, ମାଲକାନଗିରି ଜିଲାରେ ଜଣେ, ରାୟଗଡ଼ା ଜିଲାର ଜଣେ ପରୀକ୍ଷାର୍ଥୀ ଅଛନ୍ତି ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି।

ଗଞ୍ଜାମ ଜିଲା ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସବସେଣ୍ଟର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ଗାୟତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ ଆର୍ଯ୍ୟାନ ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି ଅଭିଯୋଗରେ ସ୍କ୍ୱାର୍ଡ ଦ୍ୱାରା ବୁକ୍ ହୋଇଛନ୍ତି। ସେହିପରି ଟିକିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ମାଲ ପ୍ରାକ୍ଟିସରେ ବୁକ ହୋଇଛନ୍ତି । କୋରାପୁଟ ଜିଲା ଅନ୍ତର୍ଗତ ଥୁରିଆସ୍ଥିତ ସରକାରୀ ଏସ.ଏସ.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯ ଜଣ ପରୀକ୍ଷାର୍ଥୀ ସ୍କ୍ୱାର୍ଡ ହାତରେ ଧରାପଡ଼ିଥିବା ବେଳେ ସୁନାବେଡ଼ାସ୍ଥିତ ସରକାରୀ ଏସ.ଏସ.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ, କୋଟପାଡ଼ସ୍ଥିତ ସରକାରୀ ଏସ.ଏସ.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ, କୋରାପୁଟ ଲାଣ୍ଡିଗୁଡ଼ା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ ଓ ବିକ୍ରମଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି କରି ଧରାପଡ଼ିଛନ୍ତି। ମାଲକାନଗିରି ଗୋବିନ୍ଦପାଲ୍ଲୀସ୍ଥିତ ଏସ.ଏସ.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ରାୟଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ ନବରଙ୍ଗପୁର ବେଲଗାଁସ୍ଥିତ ଏସ.ଏସ.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ ପରୀକ୍ଷାର୍ଥୀ କପି କରି ବୁକ ହୋଇଥିବା ଉପସଚିବ ସୂଚନା ଦେଇଛନ୍ତି। ପରୀକ୍ଷାର୍ଥୀ ପଦାର୍ଥ ବିଜ୍ଞାନରେ କପି କରି ବୁକ ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ. କୁଳମଣି ଓଝା ସୂଚାଇଛନ୍ତି ।

# ବେକାରଙ୍କୁ ଦିଆଯାଉ ମାସିକ ୧୦ ହଜାର ଟଙ୍କା

**ବ୍ରହ୍ମପୁର ଅଫିସ,୧୪।୩**

ରାଜ୍ୟ ସରକାର ସିଏଏ, ଏନ୍‌ପିଆର ଓ ଏନ୍‌ଆରସି ସମେତ ବେରୋଜଗାରୀଙ୍କୁ ରାଷ୍ଟ୍ରୀୟ ବିପର୍ଯ୍ୟୟ ଘୋଷଣା କରିବା ସହ ବିଧାନସଭାରେ ପ୍ରସ୍ତାବ ପାରିତ କରିବା ପାଇଁ ସମାଜବାଦୀ ବିଚାର ଯାତ୍ରା ପକ୍ଷରୁ ଦାବି ହୋଇଛି। ଏହାକୁ ଜନଜାଗରଣ ମଞ୍ଚ ସମେତ ବିଭିନ୍ନ ଗଣ ସଂଗଠନ ସମର୍ଥନ କରିଛି।

ନାଗରିକତ୍ୱ ଆଇନ ସଂଶୋଧନ, ଜାତୀୟ ଜନସଂଖ୍ୟା ପଞ୍ଜିକା ଓ ଜାତୀୟ ନାଗରିକ ପଞ୍ଜିକାକୁ ବିରୋଧ କରି ସମାଜବାଦୀ ବିଚାର ଯାତ୍ରା ପକ୍ଷରୁ ଗତ ଜାନୁୟାରୀ ୩୦ ତାରିଖରୁ ଦିଲ୍ଲୀରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼-ସମ୍ବିଧାନ ବଞ୍ଚାଅ ଅଭିଯାନ ବିଭିନ୍ନ ରାଜ୍ୟ ପରିକ୍ରମା କରି ଶନିବାର ବ୍ରହ୍ମପୁରରେ ପହଞ୍ଚିଥିଲା । ଏଥିରେ ସାମିଲ ହୋଇଥିବା ଡ଼.ସୁନିଲମ, ପି.କେ. ଯୋଷୀ, ରେହନ ଗୁପ୍ତା ଓ ସନ୍ଦିପ ପରଦେଶୀ ପ୍ରମୁଖ ଉପରୋକ୍ତ ଦାବି ଉଠାଇଛନ୍ତି। ସେମାନଙ୍କୁ ଜନଜାଗରଣ ଅଭିଯାନ ସଭାପତି ମଧୁସୂଦନ ସେଠୀ, ରବି ରଥ ଓ ଅନ୍ୟମାନେ ସ୍ୱାଗତ କରିଥିଲେ।



ସମାଜବାଦୀ ବିଚାର ଯାତ୍ରାର ଅଭିଯାତ୍ରୀ ଓ ଅନ୍ୟମାନେ।

**ସମାଜବାଦୀ ବିଚାର ଯାତ୍ରାର ଦାବି**

ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳାରେ ଆଲୋଚନା ବେଳେ ସମାଜବାଦୀ ବିଚାରଧାରାର ନେତାମାନେ କହିଥିଲେ ଭାଜପା ନେତୃତ୍ୱାଧିନ କେନ୍ଦ୍ର ସରକାର ଘୃଣ୍ୟ ରାଜନୀତି କରୁଛି ଏବଂ ହିଂସାକୁ ପ୍ରୋତ୍ସାହିତ କରାଯାଉଛି। ସମ୍ବିଧାନକୁ ମୋଡ଼ିମକଚି ବିଭିନ୍ନ ଜନ ବିରୋଧୀ ପଦକ୍ଷେପ ନିଆଯାଉଛି। ଏହା ବିରୋଧରେ ଜନ ସଚେତନତା ସୃଷ୍ଟି ନିମନ୍ତେ ସମାଜବାଦୀ ବିଚାରଧାରା ଅଭିଯାନ ଚଳାଇଛି। ଆସନ୍ତା ୨୩ରେ ସମାଜବାଦୀ ନେତା ଡ଼. ରାମ ମନୋହର ଲୋହିଆଙ୍କ ଜୟନ୍ତୀ ଏବଂ ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସରେ ହାଇଦ୍ରାବାଦ ଠାରେ ଏହି ଯାତ୍ରା ଉଦଯାପିତ ହେବ ବୋଲି ସୂଚନା ଦିଆଯାଇଥିଲା।

ଜନଜାଗରଣ ଅଭିଯାନ ସଭାପତି ମଧୁସୂଦନ କହିଥିଲେ ବେକାରଙ୍କ ସଂଖ୍ୟା ଓଡ଼ିଶାରେ ସର୍ବାଧିକ। ରାଜ୍ୟ ସରକାର ସେମାନଙ୍କୁ ନିଯୁକ୍ତି ବା ରୋଜଗାରକ୍ଷମ କରାନ୍ତୁ। ନଚେତ ମାସିକ ୧୦ ହଜାର ଟଙ୍କା ବେକାରୀ ଭତ୍ତା ପ୍ରଦାନ ନିମନ୍ତେ ପଦକ୍ଷେପ ନିଅନ୍ତୁ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ସରକାରଙ୍କ ଘରୋଇକରଣ ନୀତିକୁ ସେଠୀ ସମାଲୋଚନା କରିଥିଲେ। ସମାଜର ଦଳିତ, ଅବହେଳିତ ଓ ମହିଳାଙ୍କୁ ସୁରକ୍ଷା ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସତ୍ୟନାରାୟଣ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

UTKAL GRAMEEN BANK
HEAD OFFICE, BOLANGIR
PUBLIC NOTICE
Utkal Grameen Bank is a scheduled commercial Bank owned by Government of India, State Bank of India and Government of Odisha. Under CTS clearing system, we were sub-member through Yes Bank which is now under moratorium imposed by RBI. Our relationship with Yes Bank was limited only to avail CTS clearing facility. We are in advanced stage of making alternative arrangements for participation in CTS clearing shortly. All other transactions are continuing in the Bank in a normal manner without any disruptions. We request our esteemed customers to bear with us for some more time for resuming CTS clearing.
CHAIRMAN

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନୀଳକଣ୍ଠନଗର, ବ୍ରହ୍ମପୁର-୨, ଗଞ୍ଜାମ
ଫୋନ୍: ୬୩୭୨୮୨୩୧୨୨, ୯୮୬୧୦୩୩୬୩୩
ମେଧା ଅନ୍ୱେଷଣ ବିଜ୍ଞାପନ
ଦ୍ୱିତୀୟ ଶ୍ରେଣୀଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମେଧା ଅନ୍ୱେଷଣ ପରୀକ୍ଷା ନିମନ୍ତେ ଫର୍ମ ବିକ୍ରି ଆସନ୍ତା ତା୧୫।୦୩।୨୦୨୦ରିଖଠାରୁ ତା୨୫।୦୩।୨୦୨୦ରିଖ ପର୍ଯ୍ୟନ୍ତ ବିଦ୍ୟାଳୟ କାର୍ଯ୍ୟାଳୟରେ ମିଳିବ। ବିଶଦ ବିବରଣୀ ନିମନ୍ତେ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସ୍ୱା./– ସମ୍ପାଦକ
ବି.ଦ୍ର.: ଅଷ୍ଟମଶ୍ରେଣୀଠାରୁ Hostel ବ୍ୟବସ୍ଥା ଏବଂ ୨ୟ ଶ୍ରେଣୀଠାରୁ ବସ୍ ବ୍ୟବସ୍ଥା ଅଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବିବାହ, ବାପ-ପୁଅ ଜେଲଗଲେ

**ସୋରଡା,୧୪।୩(ଡି.ଏନ୍.ଏ.):** ନାବାଳିକାଙ୍କୁ ବିବାହ ମହଙ୍ଗା ପଡିଛି। ସୋରଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମଞ୍ଜୁଶ୍ରୀ ନାୟକଙ୍କ ଏତଲାକ୍ରମେ ନଂ.୫୫/୨୦ରେ ମାମଲା ରୁଜୁକରି ବଡଗଡ ପୋଲିସ ବିବାହ କରିଥିବା ଯୁବକ ଓ ତାଙ୍କ ବାପାଙ୍କୁ ଗିରଫ କରି ଜେଲ ପଠାଇଛି। ସେମାନେ ହେଲେ ସୋରଡା ବ୍ଲକ ସିଦ୍ଧପୁର ଗ୍ରାମର ପୁନିଆ ଗୌଡ ଓ ଓ ବାପା ରାମ। ଗଞ୍ଜାମ ଜିଲା ଚାଇଲ୍ଡ ଲାଇନର ଉପନିର୍ଦ୍ଦେଶକ ପ୍ରଭୁପ୍ରସାଦ ପାତ୍ରଙ୍କ ସୂଚନା ଅନୁଯାୟୀ ମାସେ ତଳେ ରାଇବନ୍ଧ ଗ୍ରାମର ଜନୈକା ନାବାଳିକାଙ୍କ ବାହାଘର ହେଉଥିବା ଖବର ମିଳିଥିଲା। ସୋରଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ନାବାଳିକାଙ୍କ ବାପାଙ୍କୁ ବୁଝାଇବାକୁ କୁହାଯାଇଥିଲା। ସେ ଯାଇ ବାହାଘର ନ କରିବାକୁ ବୁଝାସୁଝା କରି ଆସିଥିଲେ। ମାତ୍ର ୧୧ ମାର୍ଚ୍ଚରେ ସମ୍ପୃକ୍ତ ନାବାଳିକାଙ୍କ ବିବାହ ଶେଷ ହୋଇଛି। ଖବର ଜାଣିବା ପରେ ସୋରଡା ସିଡିପିଓ ବଡଗଡ ଥାନାରେ ଏତଲା ଦେଇଥିଲେ। ନଂ.୫୫/୨୦ରେ ମାମଲା ରୁଜୁକରି ପୋଲିସ ରାମ ଓ ପୁଅ ପୁନିଆଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ବଡଗଡ ଥାନା ଅଧିକାରୀ ପ୍ରତାପ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଫିରିଙ୍ଗିଆରେ ସହଭାଗିତା କାର୍ଯ୍ୟକ୍ରମ

**ଫିରିଙ୍ଗିଆ, ୧୪।୩:** ଫିରିଙ୍ଗିଆ ବ୍ଲକ ପଡ଼ିଆରେ ପ୍ରଶାସନ ପକ୍ଷରୁ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଶ୍ମିରଞ୍ଜନ ମହନ୍ତ, ବ୍ଲକ ଅଧକ୍ଷ ଲାଲନନ୍ଦ ପ୍ରଧାନ, ଜିଲା ସଂସ୍କୃତି ସଂଘ ଉପ ସଭାପତି ଅକ୍ଷୟ କର୍ଣ୍ଣ, ଡବ୍ଲ୍ୟୁଇଓ ରବିନ୍ଦ୍ର ବେହେରା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକୁ ଲୋକଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ସେମାନେ ପ୍ରକାଶ କରିଥିଲେ। ମମତା ଯୋଜନାଠାରୁ ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ଲୋକେ କିଭଳି ଜାଣିବା ଓ ତାହାର ସୁବିଧା ନେବେ ସେଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଲୋକ କଳା ମାଧମରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଯୋଜନା ଉପରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ଦଣ୍ଡସେନା, ରମେଶ ଚନ୍ଦ୍ର ସାହୁ, ତ୍ରିନାଥ ପଣ୍ଡା, ବିଭିନ୍ନ ଏସ୍ଏଚ୍‌ଜିର ସଦସ୍ୟା, ଜନ ସାଧାରଣ ଉପସ୍ଥିତ ଥିଲେ।

### ଆଜିଠୁ ପଞ୍ଚୁଦୋଳ ଯାତ୍ରା ଆରମ୍ଭ
#### କରୋନା ଭୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ



**ଗଞ୍ଜାମ,୧୪।୩(ଡି.ଏନ.ଏ.):** ଜିଲା ପ୍ରସିଦ୍ଧ ହୁମ୍ମା ଶୁଖୁଆ ହାଟ ବା ପଞ୍ଚୁଦୋଳ ପଡ଼ିଆଠାରେ ଚଳିତ ବର୍ଷ ପଞ୍ଚୁଦୋଳ ଯାତ୍ରା ରବିବାର ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗଞ୍ଜାମ ସହରରେ ହେଉଥିବା ଦୋଳପୂର୍ଣ୍ଣିମା ଯାତ୍ରା ଶେଷ ହେବାର ପାଞ୍ଚ ଦିନ ପରେ ହୁମ୍ମା ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଥିଲାଗି ଜିଲାର ବିଭିନ୍ନ ବିଭାଗ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନେଇ ଶାନ୍ତି କମିଟି ଗଠିତ ହୋଇଥିଲା। ଶୁକ୍ରବାର ସମସ୍ତ ସାହିରେ ସାହି ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ହୁମ୍ମା ସମେତ ଖଟୁଆକୁଦା, କଣ୍ଟିଆଗଡ଼, ଗଡ଼ହୁମ୍ମା, କଳାଯମୁନା ଓ ଲୁଙ୍ଘୁରୀ ଆଦି ଗ୍ରାମର ସମସ୍ତ ଠାକୁର ସୁସଜ୍ଜିତ ଦୋଳ ବିମାନ ଯୋଗେ ହୁମ୍ମା ପଞ୍ଚୁଦୋଳ ପଡ଼ିଆରେ ଏକତ୍ରିତ ହେବା ପରେ ଯାତ୍ରା ଆରମ୍ଭ ହେବ। କିନ୍ତୁ କରୋନା ଭୟରେ ଠାକୁରଙ୍କ ସମ୍ମୁଖରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ନାହିଁ ଏବଂ ସୋମବାର ସମସ୍ତ ଠାକୁର ନିଜ ନିଜ ମନ୍ଦିରକୁ ଫେରିବେ ବୋଲି ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ସେହିପରି ଖଣ୍ଡଦେଉଳୀ ଓ ବଳରାମପୁର ଗ୍ରାମରେ ମଧ ପଞ୍ଚୁଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି। ଯାତ୍ରାରେ ଶୃଙ୍ଖଳା ଦୃଷ୍ଟିରୁ ରମ୍ଭା ଥାନା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ହର୍ବାଲ ଜୁସ୍ ବ୍ୟବସାୟ ଦେଉଛି ଆତ୍ମସନ୍ତୋଷ

**ରାକେଶ କୁମାର ରାଉତ**
**ଫୁଲବାଣୀ ଅଫିସ, ୧୪।୩**



ରତନ ଜୁସ୍ ବିକ୍ରି କରୁଛନ୍ତି।

**ଉଚ୍ଚ ଶିକ୍ଷିତ ରତନଙ୍କ ଉତ୍ତମ ପ୍ରୟାସ**

ଫୁଲବାଣୀ ସହରର ଉଚ୍ଚ ଶିକ୍ଷିତ ଯୁବକ ରତନ ଚୌଧୁରୀ। ସାମାଜିକ ବିଜ୍ଞାନରେ ସ୍ନାତୋକତ୍ତର ଡିଗ୍ରୀ। ଚାକିରି ପାଇଁ ସୁଯୋଗ ମିଳିଥିଲା। ମାତ୍ର କିଛି ଅଲଗା ନିଶା ତାଙ୍କର। ନିଜେ ଫିଟ୍ ରହି ଅନ୍ୟକୁ ଫିଟ୍ ଦେଖିବା ପାଇଁ ମନରେ ଦୃଢ଼ ପ୍ରତିଜ୍ଞା ନେଇ ସେ ଏବେ ଆରମ୍ଭ କରିଛନ୍ତି ହର୍ବାଲ ଜୁସ୍ ବ୍ୟବସାୟ। ଏହା ଖାଲି ତାଙ୍କୁ କେବଳ ରୋଜଗାର ଦେଇନି, ଦେଉଛି ଆତ୍ମସନ୍ତୋଷ। ଅଳ୍ପ ଟଙ୍କାରେ ବିଭିନ୍ନ ପ୍ରକାର ଜୁସ୍ ପ୍ରସ୍ତୁତ କରି ସେ ଏବେ ଗ୍ରାହକଙ୍କ ମନ କିଣିନେଲେଣି। ସେଥିମଧ୍ୟରୁ ଡାଇବେଟିସ ଏବଂ ଗ୍ୟାସଟ୍ରିକ୍ ଜୁସ୍ ଅଧିକାଂଶ ଲୋକଙ୍କ ପସନ୍ଦ ପାଲଟିଛି। ଫୁଲବାଣୀ ସହର କରୋନେଶନ ପଡିଆ ସମ୍ମୁଖରେ ସକାଳ ୬ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ମିଳୁଛି ଏହି ଜୁସ୍।

ରତନଙ୍କୁ ଏବେ ୨୬ ବର୍ଷ। ଘର ପିଅନପଡ଼ାରେ। ନିଜେ କିଛି କରି ସ୍ୱାବଲମ୍ବୀ ହେବାର ନିଶା ତାଙ୍କର ବହୁ ଦିନରୁ ଥିଲା। ବର୍ତ୍ତମାନ ସବୁଜିନିଷ ଭେଜାଲ ହେଉଥିବା ବେଳେ କିଛି ଅସଲି କରି ଲୋକଙ୍କ ପାଖରେ ପହଞ୍ଚିବାକୁ ତାଙ୍କ ମନରେ ଆସିଲା। ତେଣୁ ଏଥିପାଇଁ ସେ ହର୍ବାଲ ଜୁସ୍‌ର ବ୍ୟବସାୟକୁ ବାଛିଲେ। ଏହାକୁ କିପରି ପ୍ରସ୍ତୁତ କରିବେ ସେଥିଲାଗି ତାଲିମ ଆବଶ୍ୟକ ଭାବି ନିଜ ପରିଚିତ, ସାଙ୍ଗସାଥୀଙ୍କ ସହ ଆଲୋଚନା କଲେ। ଏଭଳି ପାନୀୟ ତିଆରି କରୁଥିବା ଜଣେ ବ୍ୟକ୍ତିଙ୍କ ବିଷୟରେ ଜାଣି ତାଙ୍କ ପାଖରେ ପହଞ୍ଚିଥିଲେ ରତନ। ୫ ମାସ ମଧ୍ୟରେ ସେ ଡାଇବେଟିସ୍, ଗ୍ୟାସ୍ଟ୍ରିକ୍/ଏସିଡିଟି, ଓଜନ ହ୍ରାସ, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଶକ୍ତିବର୍ଦ୍ଧକ, କୃମି ନାଶକ, କାଶ ଥଣ୍ଡା ଏବଂ ସୁନ୍ଦର ତ୍ୱଚା ଲାଗି ଉଦ୍ଦିଷ୍ଟ ଜୁସ୍ ପ୍ରସ୍ତୁତ କରିବା ଶିଖିଗଲେ।

ଚିରେଇତା, ତ୍ରିଫଳା, ଗୁଡୁମାରୀ ପତ୍ର, ବେଲ ଓ ବେଲପତ୍ର, ଗାଜର, ବିଟ୍, ଲାଉ, କଲରା, କାକୁଡି, ଅଦା, ତୁଳସୀ, ଜାମୁ, ଲିମ୍ବ, ମେଥି, ବାସଙ୍ଗପତ୍ର, ପସାରୁଣୀ ପତ୍ର, ବେଙ୍ଗୁନିଆପତ୍ର, ଅଁଳା, ହଳଦୀ, ସଜନାପତ୍ର ଆଦିରେ ଏସବୁ ଜୁସ୍ ତିଆରି ହେଉଛି। କୌଣସି ରାସାୟନିକ ପଦାର୍ଥ ଏଥିରେ ମିଶୁନାହିଁ। ଏବେ ସମସ୍ତେ ଫିଟ୍ ରହିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବ୍ୟାୟାମ ଉପରେ ଅଧିକାଂଶ ଗୁରୁତ୍ୱ ଦେଉଛନ୍ତି। ସକାଳ ଏବଂ ସନ୍ଧ୍ୟାରେ ଖୋଲା ପଡିଆରେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ଭିଡ। ବ୍ୟାୟାମ ପରେ ହର୍ବାଲ ଜୁସ୍ ପିଇ ସେମାନେ ଘରକୁ ଯାଉଛନ୍ତି।

ରତନ କହିଛନ୍ତି, ସମସ୍ତେ ସୁସ୍ଥ ରହିବା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ କରି ଦେଲେଣି। ଲୋକେ କିପରି ଆହୁରି ଭଲରେ ରହିବେ ସେଥିପାଇଁ ସେ ହର୍ବାଲ ଜୁସ୍ ବ୍ୟବସାୟ ଆରମ୍ଭ କରିଛନ୍ତି। ରାତି ୩ଟାରୁ ଉଠି ତାଙ୍କୁ ଏସବୁ ପ୍ରସ୍ତୁତ କରିବାକୁ ପଡ଼େ। ସକାଳ ପ୍ରାୟ ୬ଟାରେ ଫୁଲବାଣୀ କରୋନେଶନ ପଡିଆ ସମ୍ମୁଖ ରାସ୍ତା ପାର୍ଶ୍ୱରେ ତାଙ୍କ ବ୍ୟବସାୟ ଚାଲେ। ବହୁ ଲୋକେ ଏହି ପଡିଆକୁ ବ୍ୟାୟାମ କରିବାକୁ ଆସୁଛନ୍ତି। ସହର ରାସ୍ତାରେ ବି ମର୍ନିଂୱାର୍କ କରୁଛନ୍ତି। ଲୋକେ ବ୍ୟାୟମ କରି ଯେତିକି ଫିଟ୍ ରହୁଛନ୍ତି, ସେମାନଙ୍କୁ ଏହି ଜୁସ୍ ପିଆଇ ଆହୁରି ଫିଟ୍ ରଖିବାକୁ ତାଙ୍କର ଏହି ପ୍ରୟାସ ବୋଲି କହିଛନ୍ତି ରତନ। ଏବେ ଦିନକୁ ପ୍ରାୟ ୧୦୦ ଗ୍ଲାସ ଜୁସ୍ ବିକ୍ରି ହେଉଛି। ଯଦି କେହି ଖାଲି ଲାଉ କିମ୍ବା କଲରା ଜୁସ୍ ମାଗୁଛନ୍ତି, ତାହା ମଧ ଦିଆଯାଉଛି। ସମସ୍ତେ ସକାଳୁ ବ୍ୟାୟାମ କରନ୍ତୁ ଏବଂ ହର୍ବାଲ ଜୁସ୍ ପିଇ ଫିଟ୍ ରୁହନ୍ତୁ ବୋଲି ରତନ କହିଛନ୍ତି।

### ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

**ତୁମୁଡ଼ିବନ୍ଧ,୧୪।୩(ଡି.ଏନ୍.ଏ.)**

ତୁମୁଡ଼ିବନ୍ଧ ବ୍ଲକ ସ୍ଥିତ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୭୮ ଜଣ ଛାତ୍ରୀଙ୍କୁ ନେଇ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଡ. ସୁନିଲ କୁମାର ପାତ୍ର ଛାତ୍ରୀମାନେ ଆବଶ୍ୟକ ସମୟରେ ଶିଖିଥିବା କୌଶଳ ଉପଯୋଗ କରିବା ସହ ଶୃଙ୍ଖଳିତ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥିଭାବେ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ପାତ୍ର ଯୋଗଦେଇ ଆତ୍ମସୁରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସମ୍ମାନୀତ ଅତିଥି ଭାବେ ଆତ୍ମ ସୁରକ୍ଷା ତାଲିମ ଶିବିର ଜିଲା ସମ୍ପାଦକ ଡ. ସନ୍ତୋଷ କୁମାର ପ୍ରଧାନ, ସିମ୍ସ୍ ପରିଚାଳନା ନିର୍ଦ୍ଦେଶକ (ବ୍ରହ୍ମପୁର) ଅଜିତ୍ କୁମାର ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର ଓ ସ୍ଥାନୀୟ ଫାୟାର ଅଫିସର ମନୋଜ କୁମାର ସାହୁ ଯୋଗ ଦେଇଥିଲେ। ତାଲିମ ନେଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା।

# ବଲିଉଡ୍ ଫିଲ୍ମରେ କ୍ରିଷ୍ଣା ରେଡ୍ଡୀ



ଶୁଟିଂସେଟ୍‌ରେ କ୍ରିଷ୍ଣାଙ୍କ ସହ ଅନ୍ୟ କଳାକାରମାନେ।

- ଆରମ୍ଭ ହୋଇଛି ଶୁଟିଂ
- ମିଳିଛି ଖଳନାୟକ ଭୂମିକା

**କଟକ ଅଫିସ,୧୪।୩**

ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ମୁଖ୍ୟ କ୍ରିଷ୍ଣା ରେଡ୍ଡୀଙ୍କୁ ମିଳିଛି ବଲିଉଡ୍ ଟିକେଟ୍। ଏକ ରିୟଲିଟି ସୋ'ରେ ଭାଗ ନେବା ସହ ନିଜ ନୃତ୍ୟ ମାଧ୍ୟମରେ ସାରା ଦେଶରେ ଚର୍ଚ୍ଚିତ ହୋଇଥିବା ବ୍ରହ୍ମପୁର ଅଞ୍ଚଳର କ୍ରିଷ୍ଣା ଏବେ ଅଭିନୟ ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଛନ୍ତି। ସଞ୍ଜୀବ ଜୈସୱାଲଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ବଗାୱତ' ଚଳଚ୍ଚିତ୍ରରେ ତାଙ୍କୁ ଖଳନାୟକ ଭୂମିକା ମିଳିଛି। ୩ ଦିନ ହେବ ଏହି ଚଳଚ୍ଚିତ୍ରର ଶୁଟିଂ ଲକ୍ଷ୍ନୌଠାରେ ଆରମ୍ଭ ହୋଇଛି। ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡ୍‌କରଙ୍କ ଜୀବନ କାହାଣୀ ଉପରେ ଏହି ଚଳଚ୍ଚିତ୍ର ପର୍ଯ୍ୟବସିତ ହୋଇଛି। ସମ୍ବିଧାନ ଲେଖିବା ନିମନ୍ତେ ଆମ୍ବେଡ୍‌କର ଦେଶର ପରିସ୍ଥିତିକୁ କିଭଳି ଦେଖିଥିଲେ ତାହା ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। '୧୯୨୦' ଚଳଚ୍ଚିତ୍ରର ହିରୋ ରଜନୀଶ ଡଗଲ୍ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି। ବଲିଉଡ୍‌ରେ କାର୍ଯ୍ୟ କରିବାର ସୌଭାଗ୍ୟ ହାତଗଣତି ଓଡ଼ିଆ କଳାକାରଙ୍କୁ ମିଳିଛି। ଏ ସମ୍ପର୍କରେ କ୍ରିଷ୍ଣା କହିଛନ୍ତି, ବଡ଼ ବ୍ୟାନରରେ ନିର୍ମିତ ଚଳଚ୍ଚିତ୍ରରେ କାର୍ଯ୍ୟକଲେ ଅନେକ କିଛି ଶିଖିବାକୁ ମିଳିବ। ସହଦେବ ନାମରେ ଏକ ଖଳନାୟକ ଭୂମିକା ମତେ ଦିଆଯାଇଛି। ୩ଦିନ ଶୁଟିଂ ସରିଥିବାବେଳେ ଆଉ ୪୫ଦିନ ଶୁଟିଂ ବାକି ରହିଛି। ଲକ୍ଷ୍ନୌ ସମେତ ମୁମ୍ବାଇ ଓ ରାଜସ୍ଥାନର ରାଜଗଡ଼ଠାରେ ଏହି ଚଳଚ୍ଚିତ୍ରର ଶୁଟିଂ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ କ୍ରିଷ୍ଣା–ଷ୍ଟୋରି ଅଫ ଏ ଡ୍ୟାନ୍ସର ନାମରେ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା। ଏଥିରେ କ୍ରିଷ୍ଣା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଆଗକୁ ଦେବୀ ନାମରେ ଏକ ଚଳଚ୍ଚିତ୍ର ପ୍ରସ୍ତୁତ ହେଉଛି ଓ ଏଥିରେ କ୍ରୀଷ୍ଣା ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି।




କରୋନା ଭାଇରସର ସଚେତନତା ବାର୍ତ୍ତା ସହିତ ଦୀପଦାନ।

# କରୋନା ଭାଇରସର ସଚେତନତା ବାର୍ତ୍ତା, ଦୀପଦାନ

**ଖଜୁରିପଡ଼ା,୧୪।୩(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପ୍ରସିଦ୍ଧ ଠାକୁରାଣୀ ମା ବରାଳଦେବୀଙ୍କ ପୀଠରେ କରୋନା ଭାଇରସ ସଂକ୍ରମଣ ନ ହେବ ପାଇଁ ଶନିବାର ସମସ୍ତ ଯୁବକ ଦୀପ ଜାଳି ମାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥିସହ ଜନ ସାଧାରଣଙ୍କୁ କରୋନା ଭାଇରସରୁ ରକ୍ଷା ପାଇବା ପାଇଁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏଥିରେ ସଭାପତି ବିନାୟକ ସାହାଣୀ, କାର୍ଯ୍ୟକାରୀ ସଭାପତି ରୋହିତ କୁମାର ବେହେରା, ସହ ସମ୍ପାଦକ ରଜତ କୁମାର ବେହେରା, ଉପ ସଭାପତି ଗକୁଳ ସାହାଣୀ, ସଦସ୍ୟ ପ୍ରଫୁଲ୍ଲ ବେହେରା, ରବିନାରାୟଣ ବେହେରା, ବିଜୟ ସାହାଣୀ, ପ୍ରଦୀପ ସେଠୀ, ବରୁଣ ସାହାଣୀ ପ୍ରମୁଖ ସଂଘର ସମସ୍ତ ଯୁବକମାନେ ଯୋଗଦେଇଥିଲେ।

## ତହସିଲଦାରଙ୍କୁ ଧମକ, ଥାନାରେ ଏତଲା

**ଦିଗପହଣ୍ଡି,୧୪।୩(ଡି.ଏନ.ଏ.)**

ଦିଗପହଣ୍ଡି–ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟ ରାସ୍ତା କଡ଼ରେ ଥିବା ବିଦେଶୀ ମଦ ଦୋକାନ ନିକଟରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସମେତ ଉପସ୍ଥିତ ରାଜସ୍ୱ କର୍ମଚାରୀ ଓ ଏନ୍ଏସି କର୍ମଚାରୀଙ୍କୁ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଗାଳିଗୁଲଜ ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଛନ୍ତି। ଶନିବାର ଦିଗପହଣ୍ଡି ଥାନା ଆଇଆଇସି ବସନ୍ତ କୁମାର ସେଠୀ ନଂ.୫୩/୨୦ରେ ମାମଲା ରୁଜୁ କରିଛନ୍ତି। ତହସିଲଦାରଙ୍କ ସୂଚନାନୁସାରେ ଶୁକ୍ରବାର ସନ୍ଧ୍ୟାରେ ଗଞ୍ଜାମ ଜିଲାପାଳଙ୍କ ସହ ଭିଡ଼ିଓ କନ୍‌ଫରେନ୍ସ ସାରିବା ପରେ ପ୍ରାୟ ସାଢ଼େ ୭ ଟାରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସଦସ୍ୟ ଏନଏସି କର୍ମଚାରୀଙ୍କ ସହ ଦିଗପହଣ୍ଡି ସହରରେ ସଫେଇ କାର୍ଯ୍ୟ ତଦାରଖ କରୁଥିଲେ। ବିଦେଶୀ ମଦ ଦୋକାନ ନିକଟରେ ତହସିଲଦାର ଓ ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ସଚେତନ କରୁଥିବାବେଳେ ୧୨ ରୁ ଉର୍ଦ୍ଧ୍ୱ ଫାଷ୍ଟ ଫୁଡ ଦୋକାନୀ ଓ ତାଙ୍କ କର୍ମଚାରୀଙ୍କ ସମେତ କିଛି ଯୁବକ ତହସିଲଦାର ଓ ଅନ୍ୟ କର୍ମଚାରୀଙ୍କୁ ଘେରି ଯାଇ ଗାଳିଗୁଲଜ କରିବା ସହ ଏଠାରୁ ତୁରନ୍ତ ନଗଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା କୈଠଖଣ୍ଡି ସର୍କଲର ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ ପ୍ରତିବାଦ କରିବାରୁ ତାଙ୍କୁ କିଛି ବ୍ୟକ୍ତି ଠେଲାପେଲା କରିବା ସହ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ତହସିଲଦାର ଏନେଇ ଥାନାକୁ ଫୋନ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସମସ୍ତ ଦୋକାନୀ ସେମାନଙ୍କ ଦୋକାନ ବନ୍ଦ କରି ଚମ୍ପଟ ମାରିଥିଲେ। ପୋଲିସ ପହଞ୍ଚିବା ଦେଖି ସେଠାରେ ଉପସ୍ଥିତ ଥିବା ଲୋକେ ଛତ୍ରଭଙ୍ଗ ଦେଇଥିଲେ। ଏନେଇ ଥାନା ଆଇଆଇସିଙ୍କୁ ପଚାରିବାରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ଗିରଫ ଭୟରେ ସେମାନେ ଫେରାର ଥିବା ସେ କହିଛନ୍ତି।

## ବିଭିନ୍ନ ସ୍ଥାନରେ କରୋନା ସଚେତନତା

**ଦିଗପହଣ୍ଡି,୧୪।୩(ଡି.ଏନ.ଏ.)**

ଦିଗପହଣ୍ଡି ଏନ୍ଏସି ପ୍ରଶାସନ ଏବଂ ସ୍ଥାନୀୟ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ପକ୍ଷରୁ ଶନିବାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନ୍ଏସି କର୍ମଚାରୀ ଏବଂ ବିଜୁ ଯୁବ ବାହିନୀର ସମସ୍ତ କାର୍ଯ୍ୟକର୍ତ୍ତା ଏକାଠି ହୋଇ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ କରୋନାର ଲକ୍ଷଣ ସମ୍ପର୍କରେ ସଚେତନ କରିଥିଲେ। ଏଥିରେ ବିଜୁ ଯୁବ ବାହିନୀ ସଦସ୍ୟ ଉପସ୍ଥିତ ଥିଲେ।

**ବେଗୁନିଆପଡ଼ା:** ବେଗୁନିଆପଡ଼ା ବ୍ଲକ ପରିସରରେ ବିଡିଓ ବେଦବର ପ୍ରଧାନ, ଅଧକ୍ଷ ପ୍ରତିନିଧି ବିଜୟ କୁମାର ଦୋରା, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା, ଏପିଓ ଅଜୟ କୁମାର ଜେନା, ହେଲଥ ୱାର୍କର କବି ଦାସ ଯୋଗଦେଇ ଦେଇ ଆଲୋଚନା କରିଥିଲେ। ଏଥିରେ ସରପଞ୍ଚ, ସମିତିସଭ୍ୟ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

**ପାଟପୁର:** ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ସାନଖେମୁଣ୍ଡି ବିଡିଓ ଗାୟତ୍ରୀ ଦତ୍ତ ନାୟକଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ହୋଇଥିଲା। ତହସିଲଦାର ଅମିତ କୁମାର ନାୟକ, ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତପନ କୁମାର ମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି କାଗଜପତ୍ର ଯାଞ୍ଚ

**ବାଲିଗୁଡା,୧୪।୩(ଡି.ଏନ୍.ଏ.)**

ବାଲିଗୁଡା ଟାଉନ କଲେଜ ଛକ ନିକଟରେ ଶୁକ୍ରବାର ବାଲିଗୁଡା ପୋଲିସ ବିଭାଗ ତରଫରୁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଥାନା ଏସ୍ଆଇ ରବୀନ୍ଦ୍ର ମୁଣ୍ଡାହରିଙ୍କ ନେତୃତ୍ୱରେ ଗାଡିର କାଗଜପତ୍ର ସହ ଇନ୍ସୁରାନ୍ସ, ଡିଏଲ୍, ହେଲ୍‌ମେଟ, ପଲ୍ୟୁଶନ ସାର୍ଟିଫିକେଟ, ସିଟ୍‌ବେଲ୍ଟ ଭଳି ବିଭିନ୍ନ ଯାଞ୍ଚ କରାଯାଇଥିଲା। ନିୟମ ଖିଲାପକାରୀଙ୍କ ଠାରୁ ପ୍ରାୟ ୫ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ନୂତନ ମୋଟର ଯାନ ଆଇନ ଅନୁଯାୟୀ କାଗଜପତ୍ର ପ୍ରସ୍ତୁତ ସହ ନିୟମ ନେଇ ସଚେତନ କରାଯାଇଥିଲା।

## ଆଶାକର୍ମୀଙ୍କୁ ନେଇ ବୈଠକ ଆଜି

**ଦାରିଙ୍ଗବାଡ଼ି,୧୪।୩(ଡି.ଏନ୍.ଏ.)**

**ଭୟଭୀତ ନ ହୋଇ ସଚେତନ ରୁହ**

କରୋନା ନେଇ ଭୟଭୀତ ହୁଅନାହିଁ। ସ୍ୱାସ୍ଥ୍ୟବିଭାଗ ଦ୍ୱାରା କରାଯାଉଥିବା ପ୍ରଚାରକୁ ଗୁରୁତ୍ୱ ଦେଇ ସଚେତନ ରୁହ। କୌଣସି ଗୁଜବ ନ କରିବା ସହ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି କହିଛନ୍ତି। ଏ ନେଇ ଜିଲାପାଳ ଦାରିଙ୍ଗବାଡ଼ି ପ୍ରଶାସନ, ସ୍ୱାସ୍ଥ୍ୟବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଦାରିଙ୍ଗବାଡିର ବହୁ ଲୋକ କେରଳ ସମେତ ଅନ୍ୟ ରାଜ୍ୟରେ ରହି କାମ କରୁଛନ୍ତି। ବାହାରୁ ଫେରୁଥିବା ଲୋକଙ୍କୁ ସଚେତନ କରାଇବାକୁ ଜିଲାପାଳ କହିଛନ୍ତି। ଯଦି କିଛି ଲକ୍ଷଣ ଦେଖାଯାଏ ତେବେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ କହିଛନ୍ତି। ରବିବାର ଉକ୍ତ ବ୍ଲକର ୨୫ ପଞ୍ଚାୟତରେ କାର୍ଯ୍ୟରତ ଆଶାମାନଙ୍କୁ ନେଇ ଏକ ତାଲିମ ଶିବିର କରାଯିବ ବୋଲି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡା.ଜୟପାଲ ସେନାପତି କହିଛନ୍ତି। ଶୁକ୍ରବାର ତାମିଲନାଡୁ ଓ କେରଳରୁ ଫେରିଥିବା ଯୁବତୀ, ଯୁବକଙ୍କୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପୁଣି ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସେମାନେ ସୁସ୍ଥ ଥିବା ଓ କରୋନାର କୌଣସି ଲକ୍ଷଣ ନଥିବା ଡାକ୍ତର କହିଛନ୍ତି।

## କରୋନା ଭୟ: ଚିକେନ କେଜି ୫୦

**ବାଲିଗୁଡା,୧୪।୩(ଡି.ଏନ୍.ଏ.)**

କରୋନା ଭୟରେ ବହୁଲୋକ ମାଂସ ଖାଇବା ବନ୍ଦ କରିଦେଇଛନ୍ତି। ଫଳରେ ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଚିକେନ ବେପାର ମାନ୍ଦା ହୋଇଛି। ଦୋକାନୀ ଗୋଟିଏ କୁକୁଡ଼ାକୁ ୫୦ ଟଙ୍କାରେ ବିକ୍ରି କରୁଛନ୍ତି। ବେପାର ହେଉ ନ ଥିବା ଯୋଗୁ ବହୁ ଦୋକାନ ବନ୍ଦ ରହୁଛି। ଅପରପକ୍ଷେ କରୋନା ଭାଇରସଠାରୁ ଦୂରେଇ ରହିବାର ଏକମାତ୍ର ବିକଳ୍ପ ହିଁ ସ୍ୱଚ୍ଛତା ଓ ସଚେତନତା। ତେଣୁ ସ୍ଥାନୀୟ ଏନ୍ଏସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପ୍ରଚାର ଗାଡ଼ି ବୁଲି ଲୋକଙ୍କୁ ସଚେତନ କରୁଛି।

# ଖୋଲା ଆକାଶ ତଳେ ୩୭ ପରିବାର

**ଉଚ୍ଛେଦକୁ ୭ ଦିନ ବିତିଲା**

- ବର୍ଷା ଖବର ଶୁଣି ଛାନିଆ
- ଥଇଥାନ ନକଲେ ଜାଗା ଛାଡିବୁନି

**ଖଜୁରିପଡ଼ା,୧୪।୩(ଡି.ଏନ.ଏ.)**



ଉଚ୍ଛେଦ ହୋଇଥିବା ୩୭ ପରିବାର।

ଏହି ଜାଗାକୁ ପାହାଡ଼ ପର୍ବତ ଲଟାବୁଦା ଘେରି ରହିଥିଲା। ଆମ୍ଭେମାନେ ବହୁ ପରିଶ୍ରମ କରି ସଫା କରିବା ସହ କୁଡ଼ିଆ ଖଣ୍ଡେଖଣ୍ଡେ କରି ବହୁ ବର୍ଷ ହେଲା ରହୁଛୁ। ମୂଲଲାଗିଲେ ପରିବାର ଚଳୁଛି। ସରକାରୀ ଯୋଜନାରେ ଆମକୁ ବିଦ୍ୟୁତ, ନଳକୂପ, ଆବାସ ଯୋଜନା ଘର, ମଣ୍ଡପ ସହିତ ଅନ୍ୟାନ୍ୟ ସମସ୍ତ ସରକାରୀ ଅନୁଦାନ ମଧ ମିଳୁଥିଲା। ଏମିତିକି ଜାଗା ପାଇଁ ଟଙ୍କା ମଧ ଆମେ ପ୍ରତି ମାସର ବାନ୍ଧିଛୁ। ହେଲେ ଆମ ଘର ଭାଙ୍ଗି ବେସାହାରା କରି ଦିଆଗଲା। ଆମେ ଏବେ ପିଲାଛୁଆ ଧରି ଖୋଲା ଆକାଶ ତଳେ ୬ଦିନ ହେଲା ପଡିଛୁ। ଯୁକ୍ତ ୨ ପରୀକ୍ଷା ଚାଲିଥିବାରୁ କେତେକ ଛାତ୍ର ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ମଧ ଅଭିଯୋଗ କରିଛନ୍ତି। ଆମକୁ ଥଇଥାନ କରାଯାଇ, କ୍ଷତିପୂରଣ ଦିଆଯାଉ। ନଚେତ୍ ମରିବୁ ପଛେ ଜାଗା ଛାଡ଼ିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି ସୁରାଦେଇ ଗ୍ରାମର ୩୭ ଉଚ୍ଛେଦ ପରିବାର।

ସୂଚନାଯୋଗ୍ୟ ଯେ, ଗତ ୮ ତାରିଖରେ କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ସୁରାଦେଇ ଗ୍ରାମରେ ଏକ ସରକାରୀ ଜମି ଜବରଦଖଲ କରି ରହୁଥିବା ୩୭ ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ୭ ଦିନ ବିତି ଯାଇଥିଲେ ମଧ ସେମାନଙ୍କୁ ଥଇଥାନ କରାଯାଇନାହିଁ। ପାଲଖଣ୍ଡେ ଦେଇ ପ୍ରଶାସନ କାମ ସାରିଦେଇଛି। ଉଚ୍ଛେଦ ଜାଗାରେ ହିଁ ୩୭ ପରିବାର ପାଲଟାଣି ୭ଦିନ ହେଲା ରହୁଛନ୍ତି। ଖୋଲା ଆକାଶ ତଳେ ରୋଷେଇ କରି ଖାଉଛନ୍ତି। ବର୍ଷା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏବେ ଉଚ୍ଛେଦ ପରିବାର ଚିନ୍ତାରେ।

ଅନ୍ୟପକ୍ଷରେ ଜବରଦଖଲ କରାଯାଇଥିବା ଜମି କେତେ ଏକର ଏବଂ ଏଠାରେ ସରକାର କ'ଣ କରିବାକୁ ଯୋଜନା କରିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦୁଇ ତିନି ଦିନ ମଧ୍ୟରେ ଜାଗାକୁ ଆକଳନ କରି ଚାରିପଟେ ବାଡ଼ ବୁଲାଯିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ପାଟପୁର,୧୪।୩-ପାଟପୁର ଥାନା ଭାଲ୍ୟଝୋଲା ଛକ ନିକଟରେ ଥିବା ପୋଦିଲ୍ଲି କ୍ରିଷ୍ଣାଙ୍କ ଦୋକାନର ତାଲା ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୯ଟାରେ କ୍ରିଷ୍ଣା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳୁ ସେ ଦୋକାନ ଖୋଲିବାକୁ ଆସି ଦେଖିଲା ବେଳେ ଗ୍ରିଲ୍ ଭଙ୍ଗା ଯାଇ ଡ୍ରେସ, ଚାଉଳ, ଚିନି, ନିତ୍ୟବ୍ୟବହୃତ ହେଉଥିବା ସାମଗ୍ରୀ, ମୋବାଇଲ ଫୋନ ସହ ପ୍ରାୟ ୩ ହଜାର ଟଙ୍କା ଲୁଟି ନେଇଥିବା ଜାଣି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଯୁବତୀଙ୍କଠାରୁ ୨୫ ହଜାର ଲୁଟ୍

କୋଦଳା,୧୪।୩(ଡି.ଏନ.ଏ.)-କୋଦଳା ଥାନା ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ଜଣେ ଯୁବତୀଠାରୁ ଦୁର୍ବୃତ୍ତମାନେ ୨୫ହଜାର ଟଙ୍କା ଲୁଟି ନେଇଛନ୍ତି। ରେଙ୍ଗୁଟିପଲ୍ଲୀ ଗ୍ରାମର ଶ୍ୟାମ ପ୍ରଧାନଙ୍କ ଝିଅ ଲିଜା ଟଙ୍କା ନେଇ ଫାସି ଗ୍ରାମ ଷ୍ଟେଟ ବ୍ୟାଙ୍କ ଶାଖାରେ ଜମା କରିବାକୁ ଯାଇଥିଲେ। କିନ୍ତୁ ଦ୍ୱିତୀୟ ଶନିବାର ବ୍ୟାଙ୍କ ଛୁଟି ଥିବାରୁ ସେ ଟଙ୍କା ନେଇ କୋଦଳା ଫେରିବା ବାଟରେ କଳାମୁଖାଧାରୀ ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ପଛରୁ ଆସି ଯୁବତୀଙ୍କଠାରୁ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଖବର ପାଇ ଏସ୍‌ଆଇ ଅନିଲ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଛନ୍ତି ଓ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଏସଆଇ କହିଛନ୍ତି।

### ଋଷିକୁଲ୍ୟା ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୧୪।୩(ଡି.ଏନ.ଏ.)-ପୁରୁଷୋତ୍ତମପୁର ସହର ଉପକଣ୍ଠ ଦେଇଯାଇଥିବା ଋଷିକୁଲ୍ୟା ନଦୀରେ ଶନିବାର ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଷୋତ୍ତମପୁର ବଜାର ସାହିର ବନମାଳୀ ବେହେରା (୪୧)। ବନମାଳି ନଦୀରେ ଗାଧୋଇବା ବେଳେ ଅସାବଧାନତା କାରଣରୁ ବୁଡି ଯାଇଥିଲେ। ଖବର ପାଇ ଦମକଳ ବାହିନୀ କର୍ମଚାରୀମାନେ ବନମାଳୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ଏଏସ୍‌ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ନେଇ ନଂ. ୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନିଶାସକ୍ତ ବାଇକ୍ ଚାଳକଙ୍କୁ କୋର୍ଟ ଚାଲାଣ

ପାଟପୁର,୧୪।୩-ପାଟପୁର ପୋଲିସ ଶନିବାର ଜଣେ ନିଶାସକ୍ତ ବାଇକ୍ ଚାଳକଙ୍କୁ ନନ୍ ଏଫ୍‌ଆଇଆର୍ ମାମଲା ନଂ. ୩୩/୨୦ ଅନୁଯାୟୀ କୋର୍ଟ ଚାଲାଣ କରିଛି। ସେ ହେଲେ ପାଟପୁର ଥାନା ଭାଲ୍ୟଝୋଲା ଗ୍ରାମର ମନୋଜ କୁମାର ଗୌଡ଼। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପଳାଶପୁର ଛକ ନିକଟରେ ପୋଲିସ ପକ୍ଷରୁ ଯାନବାହାନ ଧରପଗଡ଼ ଚାଲିଥିବା ବେଳେ ନିଶାସକ୍ତ ଅବସ୍ଥାରେ ବାଇକ୍ ଚଳାଉଥିବା ମନୋଜଙ୍କୁ ଗିରଫ କରାଯାଇଥିଲା।

### ୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ଫିରିଙ୍ଗିଆ, ୧୪।୩-ଗୋଛାପଡା ପୋଲିସ କୁମେଲସିଂ ଗ୍ରାମରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ୫ କୁଇଣ୍ଟାଲ ୧ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁମେଲସିଂ ଗ୍ରାମର ସନ୍ତୋଷ ବଗର୍ତ୍ତି ଏବଂ ମନମୁଣ୍ଡା ଥାନା ଗୁଡିହାଲ ଗ୍ରାମର ପ୍ରଫୁଲ୍ଲ ବଗର୍ତି। ସନ୍ତୋଷଙ୍କ ଘରେ ଗଞ୍ଜେଇ ଥିଲା। ପ୍ରଫୁଲ୍ଲ ତାଙ୍କ ଘରକୁ ଯାଇଥିଲେ। ଉଭୟେ ଗଞ୍ଜେଇ ଚାଲାଣ କରିବାକୁ ସଜବାଜ ହେଉଥିବା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମକୁ ଯାଇ ସନ୍ତୋଷଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରୁ ଗଞ୍ଜେଇ ମିଳିଥିଲା। ନଂ.୧୭/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# ରେଳ ଷ୍ଟେଶନରେ ଧୁଆଗଲା ଯାତ୍ରୀଙ୍କ ହାତ

ଛତ୍ରପୁର,୧୪।୩(ଡି.ଏନ.ଏ)

କରୋନା ଭୂତାଣୁ ସଂକ୍ରମଣର ଭୟାବହତାକୁ ଦେଖି ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ଶନିବାର ଛତ୍ରପୁର ରେଳ ଷ୍ଟେଶନରେ ଯାତ୍ରୀମାନଙ୍କୁ କରୋନା ସମ୍ପର୍କରେ ଅବଗତ କରାଯାଇଛି । ରୋଟାରି କ୍ଲବ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଷ୍ଟେଶନରେ ଥିବା ଯାତ୍ରୀମାନଙ୍କ ହାତ ସାନିଟାଇଜର ଦ୍ୱାରା ଧୁଆଯାଇଥିଲା। କରୋନା ଭୂତାଣୁରୁ ଦୂରେଇ ରହିବା ପାଇଁ ସଚେତନ କରାଯିବା ସହ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା । ଥଣ୍ଡା ଓ କାଶ ହେଉଥିବା ଲୋକଙ୍କୁ ଦେଖିଲେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବାକୁ କୁହାଯାଇଥିଲା । କାର୍ଯ୍ୟକ୍ରମରେ

## ବ୍ଲକରେ କରୋନା ସଚେତନତା ସଭା


ଯାତ୍ରୀଙ୍କ ହାତଧୁଆ ଯାଉଛି।

ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ବିଡିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳମାଧବ ଭୋଇ, ଏନ୍‌ଏସି ନିର୍ବାହୀ ଅଧିକାରୀ ବିକ୍ରମ କୁମାର ଦୋରା, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଏସ୍. ରେଖା, ସରପଞ୍ଚ ପୀତାମ୍ବର ପଣ୍ଡା ପ୍ରମୁଖ ସାମିଲ ଥିଲେ ।

ସେହିପରି ଛତ୍ରପୁର ବ୍ଲକ ସମ୍ମିଳନୀ ଗୃହରେ ପଞ୍ଚାୟତିରାଜ ପ୍ରତିନିଧି ଓ କର୍ମଚାରୀଙ୍କୁ ନେଇ କରୋନା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଜିଲାପାଳ, ତହସିଲଦାର, ବିଡିଓ, ଉପାଧ୍ୟକ୍ଷା ପ୍ରମୁଖ ଯୋଗଦେଇ କରୋନା ନେଇ ଜାରି ହୋଇଥିବା ସରକାରୀ ଗାଇଡଲାଇନ୍ ସମ୍ପର୍କରେ ଅବଗତ କରିଥିଲେ । କରୋନା ମୁକାବିଲା ନିମନ୍ତେ ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରିବାକୁ ବୈଠକରେ ଉପଜିଲାପାଳ ପରାମର୍ଶ ଦେଇଥିଲେ ।

# ଆହାର କେନ୍ଦ୍ର ଯାଞ୍ଚ କଲେ ଉପଜିଲାପାଳ


ଉପଜିଲାପାଳ ଅନୁଧାନ କରୁଛନ୍ତି।

ଛତ୍ରପୁର,୧୪।୩(ଡି.ଏନ.ଏ)

ଛତ୍ରପୁର ହସ୍ପିଟାଲ ନିକଟ ଆହାର କେନ୍ଦ୍ରକୁ ଶନିବାର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଅଚାନକ ପରିଦର୍ଶନରେ ଯାଇ ଯାଞ୍ଚ କରିଛନ୍ତି। ଏଠାରେ ଦିଆଯାଇଥିବା ଖାଦ୍ୟର ମାନ ଠିକ୍ ଅଛି କି ନାହିଁ ତାହା ଅନୁଧାନ କରିବା ସହ ସାନିଟାଇଜର ଠିକ୍ ଅଛି କି ନାହିଁ ତାହା ଦେଖିଥିଲେ । ଖାଇବା ପୂର୍ବରୁ ଓ ପରେ ଭଲ ଭାବେ ସାନିଟାଇଜର ଦ୍ୱାରା ହାତ ଧୋଇବା ନିମନ୍ତେ ଆହାର କେନ୍ଦ୍ରକୁ ଆସୁଥିବା ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ଉପଜିଲାପାଳ ଆହାର କେନ୍ଦ୍ର ସଫେଇ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ ବିକ୍ରମ କୁମାର ଦୋରା ଉପସ୍ଥିତ ଥିଲେ ।

# ତାରାତାରିଣୀଙ୍କ ଚୈତ୍ରଯାତ୍ରା, ଦଣ୍ଡଯାତ୍ରା ଉପରେ କଟକଣା

## ସହଯୋଗ ନେଇ ଅନୁରୋଧ କଲେ ଗଞ୍ଜାମ ଜିଲାପାଳ

ଛତ୍ରପୁର,୧୪।୩(ଡି.ଏନ୍.ଏ.)

କରୋନା ଭାଇରସରୁ ସୁରକ୍ଷିତ ରହିବା ନେଇ ଗଞ୍ଜାମ ଜିଲାରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନ କରାଯାଉଛି। ଅପରପକ୍ଷରେ ଗଞ୍ଜାମ ଜିଲାରେ ମା ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଚାଲିଛି। ଆଗକୁ ଜିଲାର ପ୍ରସିଦ୍ଧ ଦଣ୍ଡ ଯାତ୍ରା ଆରମ୍ଭ ହେବ। ଉକ୍ତ ୨ ଯାତ୍ରା ଉପରେ ଶନିବାର ସନ୍ଧ୍ୟାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କଟକଣା ଲଗାଇଛନ୍ତି। ଯାତ୍ରାରେ ପ୍ରବଳ ଜନସମାଗମ ହେବ ଏବଂ ଲୋକେ ସଂକ୍ରମିତ ହେବା ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ପୂଜା ତିଥି ଗୁଡିକରେ ଜନସମାବେଶକୁ ଯଥେଷ୍ଟ କମ୍ କରିବା ଏବଂ ବାହାର ଭକ୍ତମାନଙ୍କୁ ସମାଗମରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ପାଇଁ ପ୍ରଶାସନ ଶନିବାର ନିଷ୍ପତି ନେଇଛି। ଚଳିତ ବର୍ଷ ମାଙ୍କର ପୂଜାବିଧି ଯଥାରୀତି ସମ୍ପନ୍ନ ହେଉ ଏବଂ ଆସନ୍ତା ବର୍ଷ ପାଇଁ ଜନସାଧାରଣଙ୍କ ପ୍ରତିକ୍ଷା ବଳବତ୍ତର ରହୁବୋଲି ଜିଲାପାଳ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। କରୋନାର ଭୟାବହତା ଦିନକୁ ଦିନ ବ୍ୟାପକ ହେଉଥିବାରୁ ଏବଂ ରାଜ୍ୟ ସରକାର ଏହାକୁ ବିପର୍ଯ୍ୟୟ ଘୋଷଣା କରିଥିବାରୁ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଗଞ୍ଜାମ ଜିଲାର ସମସ୍ତ ବ୍ୟକ୍ତି ବିଶେଷଙ୍କ ସହଯୋଗ ଜିଲାପାଳ କାମନା କରିଛନ୍ତି। ତାରାତାରିଣୀଙ୍କ ଚୈତ୍ର ଯାତ୍ରା ନେଇ ରାଜ୍ୟ ତଥା ଜିଲା ବାହାରୁ ଲୋକେ ଆସିଥାନ୍ତି। ପ୍ରଶାସନ ମଧ୍ୟ ଚଳିତ ବର୍ଷ ପୂଜା ନୀତି ଓ ଅନ୍ୟାନ୍ୟ ପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଥିଲା। ମାତ୍ର କରୋନା ଯୋଗୁ ଜନସମାଗମ ହେବା ଉଚିତ୍ ନୁହେଁ। ପ୍ରତ୍ୟେକ ସାମାଜିକ ଉତ୍ସବକୁ ସୀମିତ ରଖିବା ସହ ସ୍ଥାନୀୟ ଯାନିଯାତ୍ରା ପାଳନ କରିବାରୁ ନିବୃତ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାର ଲୋକସଂଖ୍ୟା ପାଖାପାଖି ୪୦ ଲକ୍ଷ। ଜିଲାର ଅନେକ କୁଶଳୀ ଶ୍ରମିକ ରାଜ୍ୟ ବାହାରେ ତଥା ଦେଶ ବାହାରେ ବିଭିନ୍ନ ପ୍ରକାର ବୃତ୍ତିଗତ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଉକ୍ତ ସବୁ ଅଞ୍ଚଳରେ କରୋନା ଦ୍ରୁତଗତିରେ କାୟାବିସ୍ତାର କରିଛି। ସେଠାରୁ ଯେଉଁମାନେ ପ୍ରତ୍ୟାବର୍ତନ କରୁଛନ୍ତି। ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଜିଲାପ୍ରଶାସନକୁ ସହଯୋଗ କରିବାକୁ ଜିଲାପାଳ ଉକ୍ତ ପ୍ରେସ ବିବୃତିରେ କହିଛନ୍ତି।

# ପୋଖରୀରୁ ଜଳ ନିଷ୍କାସନ ନ କରିବାକୁ ଦାବିପତ୍ର

କନିଷି,୧୪।୩(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡା ଗ୍ରାମପଞ୍ଚାୟତ ପଞ୍ଚମା ଗାଁ ଗଣେଶ ମନ୍ଦିର ପୋଖରୀର ଜଳ ନିଷ୍କାସନ ନ କରିବାକୁ ଶୁକ୍ରବାର ଗ୍ରାମବାସୀ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମରେ ଅବସ୍ଥିତ ଗଣେଶ ପୋଖରୀ ଉପରେ ଆଖପାଖର ୧୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଓ ତୀର୍ଥଯାତ୍ରୀ ନିର୍ଭର କରନ୍ତି ଏବଂ ପଶୁପକ୍ଷୀଙ୍କ ପାନୀୟ ଉପଯୋଗୀ ହୋଇଥାଏ। କିନ୍ତୁ ପ୍ରାୟ ୫ ଦିନ ହେଲା ପମ୍ପ ଦ୍ୱାରା ଉକ୍ତ ପୋଖରୀରୁ ପାଣି ବାହାର କରାଯାଉଛି। ପୋଖରୀରୁ ପାଣି ବାହାର କରାଗଲେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ନେଇ ରଙ୍ଗେଇଲୁଣ୍ଡା ବ୍ଲକ ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପରେ ପୋଖରୀରେ କାମ ବନ୍ଦ କରାଯାଇଛି।

# ପ୍ରଶାସନ ହସ୍ତକ୍ଷେପ ପରେ ସ୍କୁଲରୁ ଫେରିଲେ ପିଲା

ଛତ୍ରପୁର,୧୪।୩(ଡି.ଏନ.ଏ)

## କରୋନା ଗାଇଡଲାଇନ୍‌କୁ ଅବମାନନା

କରୋନାକୁ ରାଜ୍ୟ ସରକାର ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ଏହାର ମୁକାବିଲା ନିମନ୍ତେ ପ୍ରତିଷେଧକ ବ୍ୟବସ୍ଥା କରିବା ନେଇ ରାଜ୍ୟ ସରକାର ଏକ ଗାଇଡଲାଇନ୍ ଜାରି କରିଛନ୍ତି। ଗଞ୍ଜାମ ଜିଲାପାଳ ମଧ୍ୟ ଉକ୍ତ ଗାଇଡଲାଇନକୁ ପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଜ୍ୟ ସରକାର ଓ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ଶନିବାର ଛତ୍ରପୁର ସବଜେଲ୍ ନିକଟରେ ଥିବା ଏକ ଇଂଲିଶ ମାଧ୍ୟମ ଘରୋଇ ସ୍କୁଲ ଖୋଲିଥିବା ଦେଖାଯାଇଥିଲା। ଏପରିକି ଉକ୍ତ ସ୍କୁଲରେ ଏକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ଚାଲିଥିଲା। ଏ ସମ୍ପର୍କରେ ଖବରପାଇ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ଉକ୍ତ ସ୍କୁଲରେ ପହଞ୍ଚି ପ୍ରିନ୍ସିପାଲଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ନ କରିବା ଏବଂ ଛାତ୍ରୀଛାତ୍ରମାନଙ୍କୁ ଘରକୁ ପଠାଇବାକୁ କହିଥିଲେ। ଏପରିକି ଜିଲାପାଳ ମଧ୍ୟ ପିଲାମାନଙ୍କୁ ଘରକୁ ଛାଡିବାକୁ ଫୋନ୍ ଯୋଗେ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରମାନଙ୍କୁ ଘରକୁ ପଠାଇ ଦେଇଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ଗାଇଡଲାଇନ୍ ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳ ସମସ୍ତ ବ୍ଲକରେ ଉପସ୍ଥିତ ଅଧିକାରୀମାନଙ୍କ ସହ ଭିଡିଓ କନଫରେନ୍ସି ଜରିଆରେ ଆଲୋଚନା କରିଛନ୍ତି। ସ୍କୁଲ ଓ କଲେଜ ବନ୍ଦ ରଖିବା ଏବଂ କୌଣସି କାର୍ଯ୍ୟକ୍ରମ ନ କରିବା (ପରୀକ୍ଷା ବ୍ୟତୀତ) ପାଇଁ ନିର୍ଦ୍ଦେଶ ଦେଇଛନ୍ତି।




# ବାଇକ୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ସୋରଡା,୧୪।୩(ଡି.ଏନ୍.ଏ.)

ସୋରଡା ଗାଜଲବାଡି ରାସ୍ତା ଏନ୍‌ଏଚ୍-୫୯ ଦାନ୍ତଲିଙ୍ଗି ଗ୍ରାମ ଛକରେ ଶନିବାର ସକାଳେ ଏସ୍‌ଆଇ ସୁନିଲ କଣ୍ଡଗୋରୀଙ୍କ ନେତୃତ୍ୱରେ ଯାନବାହନ ଯାଞ୍ଚ ଚାଲିଥିଲା। କନ୍ଧମାଳ ଜିଲା ଦାରିଙ୍ଗବାଡି ପଟୁ ଆସୁଥିବା ଏକ ବାଇକ (ନଂ.ଓଆର୍‌୦୫ଏନ୍-୮୯୭୨)କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଏକ ଅଖାରେ ୧୨ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ବାଇକ ସହ ଗଞ୍ଜେଇ ଜବତ କରିବା ସହ ଚାଳକ ଫିରିଙ୍ଗିଆ ଥାନା ରତଙ୍ଗ ଗ୍ରାମର ଶତପଥୀ ମାଝିଙ୍କୁ ଗିରଫ କରିଥିଲା। ନଂ.୬୪/୨୦ରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ଟ୍ରେନ୍ ଆଗକୁ ଡେଇଁ ସ୍ତ୍ରୀଙ୍କ ମୃତ୍ୟୁ ଘଟଣା, ସ୍ୱାମୀ ଗିରଫ

ଗୋପାଳପୁର,୧୪।୩

ଟ୍ରେନ୍ ଆଗକୁ ଡେଇଁ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ଗୋଳନ୍ଥରା ଥାନା ପୋଲିସ ଶନିବାର ମୃତକଙ୍କ ସ୍ୱାମୀଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ସୋରଳ ଗ୍ରାମ ବଡ ସାହିର ଚିତ୍ରସେନ ବେହେରା। ତିନି ବର୍ଷ ତଳେ ଚିତ୍ରସେନଙ୍କ ସୋନପୁରର କନ୍ତାରୁ ବେହେରାଙ୍କୁ ବିବାହ କରିଥିଲେ। କିଛି ମାସ ପରେ ଅଧିକ ଯୌତୁକ ଦାବି କରି ଚିତ୍ରସେନ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିଲେ। ୨୦୧୯ ନଭେମ୍ବର ୨୫ରେ କୌଣସି କଥା ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ତା' ପର ଦିନ ସକାଳେ କନ୍ତାରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଗତ ଡିସେମ୍ବର ୨ ତାରିଖରେ କନ୍ତାରୁଙ୍କ ଭାଇଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଡିସେମ୍ବର ୨୬ ତାରିଖରେ ଗୋଳନ୍ଥରା ରେଳଷ୍ଟେଶନ ରେଳଧାରଣାରୁ କନ୍ତାରୁଙ୍କ ମୃତଦେହକୁ ବ୍ରହ୍ମପୁର ରେଳବାଇ ପୋଲିସ ଜବତ କରିଥିଲା। କିନ୍ତୁ ତାଙ୍କର ପରିଚୟ ମିଳିପାରି ନ ଥିଲା। ଗତ ୧୦ ତାରିଖରେ କନ୍ତାରୁଙ୍କ ଭାଇ ବ୍ରହ୍ମପୁର ରେଳବାଇ ଥାନାକୁ ଯାଇ ଫଟୋ ଦେଖି ମୃତଦେହ ଚିହ୍ନିଥିଲେ। ଏ ନେଇ ୧୧ ତାରିଖରେ ସେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୫/୨୦ରେ ମାମଲା ରୁଜୁ କରିଥିଲା। ଶୁକ୍ରବାର ରାତିରେ ଚିତ୍ରସେନ୍‌ଙ୍କୁ ଗାଁରୁ ଗିରଫ କରିଥିଲା।

# ୨ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ, ୨ କୋର୍ଟ ଚାଲାଣ

ଖଲ୍ଲିକୋଟ,୧୪।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଞ୍ଚଳର ୨ଜଣ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଗତ ଶୁକ୍ରବାର ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଏତଲାକୁ ଭିତ୍ତି କରି ଖଲ୍ଲିକୋଟ ପୋଲିସ ନଂ.୧୧୧/୨୦ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟ ୩ ଅଭିଯୁକ୍ତ ଫେରାର୍ ହୋଇଯାଇଛନ୍ତି। ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ ଘଟଣାର ତଦନ୍ତ କରୁଛନ୍ତି।

ପ୍ରକାଶ ଯେ, ଗତ ୧୦ ତାରିଖ ହୋଲି ଦିନ ଦୁଇ ନାବାଳିକା (୧୫ ଓ ୧୬)ଙ୍କୁ ଏକୁଟିଆ ପାଇ ବେଗୁନିଆପଡ଼ା ଅଞ୍ଚଳର ୫ ଜଣ ଯୁବଙ୍କ ଗଣବଳାତ୍କାର କରିଥିଲେ। ଏହି ସମୟର ଭିଡିଓ ରେକର୍ଡିଂ କରି କାହାକୁ ଜଣାଇଲେ ଭାଇରାଲ କରିଦେବୁ ବୋଲି ଅଭିଯୁକ୍ତମାନେ ଧମକ ଦେଇଥିବା ପୀଡ଼ିତା ଦ୍ୱୟ ଥାନାରେ ଅଭିଯୋଗ କରିଥିଲେ। ଶନିବାର ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ବ୍ରହ୍ମପୁର ପଠାଯାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ